ଆମ ଜଙ୍ଗଲ ଯୋଜନା

# ଦର୍ପଣ

ଆମ ଜଙ୍ଗଲ ଯୋଜନା

Govt. of Odisha

ତ୍ରୈମାସିକ ସମ୍ବାଦ ପତ୍ରିକା | ଜୁଲାଇ-ସେପ୍ଟେମ୍ବର, ୨୦୨୪ | ଅଷ୍ଟମ ବର୍ଷ ▪ ସଂକଳନ ସଂଖ୍ୟା- ୨

## ସୂଚୀପତ୍ର


- ପ୍ରକଳ୍ପ ଅବଧି ମଧ୍ୟରେ ଆମ ଜଙ୍ଗଲ ଯୋଜନାର ପ୍ରମୁଖ ସଫଳତାର ସଂକ୍ଷିପ୍ତ ବିବରଣୀ (ପ୍ରଚ୍ଛଦ କାହାଣୀ)
- ସଫଳ କାହାଣୀ
- ସଂକ୍ଷିପ୍ତ ଖବର


## ପ୍ରକଳ୍ପ ନିର୍ଦ୍ଦେଶିକାଙ୍କ କଲମରୁ

ଓଡ଼ିଶାର ୨୩ଗୋଟି କ୍ଷେତ୍ରୀୟ ଓ ବନ୍ୟପ୍ରାଣୀ ବନଖଣ୍ଡ ଅନ୍ତର୍ଗତ ୪୬୦୧ଟି ବନ ସୁରକ୍ଷା ସମିତିରେ ଆମ ଜଙ୍ଗଲ ଯୋଜନା ଏହାର କାର୍ଯ୍ୟକାରୀତାର ଅଷ୍ଟମ ବର୍ଷ ପୂରଣ କରିଛି । ନିରନ୍ତର ଜଙ୍ଗଲ ପରିଚାଳନା ଏବଂ ଜୀବିକା ପ୍ରୋତ୍ସାହନ ଏହି ଯୋଜନାର ମୁଖ୍ୟ ଲକ୍ଷ୍ୟ ଅଟେ ।


ଆମର ପ୍ରତିଶ୍ରୁତିବଦ୍ଧ ପ୍ରକଳ୍ପ କର୍ମୀମାନେ ଅନେକ ଗୁଡିଏ ଆୟ ସୃଷ୍ଟିକାରୀ କାର୍ଯ୍ୟକ୍ରମ ମାଧ୍ୟମରେ ଜଙ୍ଗଲ ଉପକଣ୍ଠରେ ବସବାସ କରୁଥିବା ସମୁଦାୟମାନଙ୍କ ଜୀବନ ଏବଂ ଜୀବିକା ଦୃଶ୍ୟପଟ୍ଟରେ ପରିବର୍ତ୍ତନ ଆଣିପାରିଛନ୍ତି । ପ୍ରକଳ୍ପର ସମସ୍ତ ସ୍ତରରେ ପ୍ରମୁଖ ଅଗ୍ରଗତି ଉପରେ ଆଲୋକପାତ କରିବା ପାଇଁ ଏହି ସଂସ୍କରଣରେ ବନ ସୁରକ୍ଷା ସମିତି ପରିଚାଳନା ବିବରଣୀ ସହିତ କେତେକ ସଫଳ କାହାଣୀ ପ୍ରକାଶ କରାଯାଇଛି । ଏହାବ୍ୟତୀତ ଆମର ସମସ୍ତ ଅଂଶୀଦାରଙ୍କ ଉଦ୍ଦେଶ୍ୟରେ ଏହି ସଂସ୍କରଣରେ ପ୍ରକଳ୍ପର ପ୍ରମୁଖ ଉପଲବ୍ଧିର ସଂକ୍ଷିପ୍ତ ବିବରଣୀ ମଧ୍ୟ ରଖାଯାଇଛି । ଆଶା କରାଯାଉଛି ଯେ, ଅନ୍ୟମାନେ ମଧ୍ୟ ଆମ ପ୍ରକଳ୍ପ ଅଂଶୀଦାରଙ୍କର ଏଭଳି ଅସାଧାରଣ ଉପଲବ୍ଧି ଦ୍ୱାରା ଉତ୍ସାହିତ ହେବେ ।

ପ୍ରକଳ୍ପ ଅଞ୍ଚଳରେ ଗୋଷ୍ଠୀ ଉନ୍ନୟନ ଓ ଜୀବିକା ପ୍ରୋତ୍ସାହନ ନିମନ୍ତେ ପାଣ୍ଠି ସଂଗ୍ରହ ପାଇଁ ଅନ୍ୟାନ୍ୟ ସରକାରୀ ବିଭାଗର ଯୋଜନା ସହ ସମନ୍ୱୟ ରକ୍ଷା ପାଇଁ ନିରନ୍ତର ପ୍ରୟାସ ଚାଲିଛି । ଆମର ଜୀବିକା ପ୍ରୋତ୍ସାହନ କାର୍ଯ୍ୟକ୍ରମର ପ୍ରଭାବ ଏଥିରୁ ଜଣାପଡେ ଯେ, ଅନ୍ୟାନ୍ୟ ସରକାରୀ ବିଭାଗ ଏବଂ ଶିଳ୍ପସଂସ୍ଥା ଗୁଡିକର ସାମାଜିକ ଦାୟିତ୍ୱବୋଧତା ପାଣ୍ଠି ପରିଚାଳନା ଅନୁଷ୍ଠାନ (CSR Agency) ମାନଙ୍କଠାରୁ ଅଦ୍ୟାବଧି ୧୦୮୫.୧୮ କୋଟି ଟଙ୍କାର ପାଣ୍ଠି ସଂଗ୍ରହ କରାଯାଇ ପାରିଛି, ଯାହା ମାଧ୍ୟମରେ ୪୬୦୧ ଗୋଟି ବନ ସୁରକ୍ଷା ସମିତି ଏବଂ ୧୪,୨୬୩ ଟି ସ୍ୱୟଂ ସହାୟକ ଗୋଷ୍ଠୀର ପ୍ରାୟ ୪.୨ ଲକ୍ଷ ପରିବାର ଉପକୃତ ହୋଇଛନ୍ତି ।

ନିରନ୍ତର ଜଙ୍ଗଲ ପରିଚାଳନା, ଜୀବିକା ପ୍ରୋତ୍ସାହନ ଏବଂ ଆୟସୃଷ୍ଟି କାର୍ଯ୍ୟକଳାପ ଦିଗରେ ଆମର ବିଭାଗ, ସହଯୋଗୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଏବଂ ଅନ୍ୟ ଅଂଶୀଦାରଙ୍କ ପ୍ରୟାସ ପ୍ରଶଂସନୀୟ । ବିଶ୍ୱାସ କରେ ଯେ, ସମସ୍ତ ଆମ ଜଙ୍ଗଲ ଯୋଜନା ବନଖଣ୍ଡ ଗୁଡିକ ଗୋଷ୍ଠୀ ସମୁଦାୟର ହିତ ପାଇଁ ଏହିପରି ଅଭିନବ କାର୍ଯ୍ୟ ଚାଲୁ ରଖିବେ ଏବଂ ଆମ ଜଙ୍ଗଲ ଯୋଜନାର ସାମଗ୍ରିକ ଲକ୍ଷ୍ୟକୁ ସୁରକ୍ଷିତ ରଖିବା ସହିତ ସେମାନଙ୍କର ସଫଳତାର ବାର୍ତ୍ତା ପ୍ରସାର କରିବେ ।

**ଡଃ. ମୀତା ବିଶ୍ୱାଳ,** ଭାରତୀୟ ବନ ସେବା
ପ୍ରଧାନ ମୁଖ୍ୟ ବନ ସଂରକ୍ଷକ (ପ୍ରକଳ୍ପ) ଓ ପ୍ରକଳ୍ପ ନିର୍ଦ୍ଦେଶିକା
ଓଡିଶା ବନାଞ୍ଚଳ ଉନ୍ନୟନ ସମିତି

*"What we are doing to the forests of the world is but a mirror reflection of what we are doing to ourselves and to one another"*



## ପ୍ରକଳ୍ପ ଅବଧି ମଧ୍ୟରେ ଆମ ଜଙ୍ଗଲ ଯୋଜନାର ପ୍ରମୁଖ ସଫଳତାର ସଂକ୍ଷିପ୍ତ ବିବରଣୀ

ଆମ ଜଙ୍ଗଲ ଯୋଜନା କାର୍ଯ୍ୟକାରୀ ହେବାର ନବମ ବର୍ଷରେ ଉପନୀତ ହୋଇ ପ୍ରାୟ ୪.୨ ଲକ୍ଷ ପରିବାର ଏବଂ ୧୪,୨୬୩ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ମାଧ୍ୟମରେ ୪୬୦୧ ଟି ବନ ସୁରକ୍ଷା ସମିତିରେ ଚାଲୁଅଛି । ଏହି ଯୋଜନା ଅଧୀନରେ ୨,୦୯,୫୪୩ ହେକ୍ଟର ଜଙ୍ଗଲ ଅ*ଳରେ ବୃକ୍ଷରୋପଣ ବିନା ପ୍ରାକୃତିକ ଜଙ୍ଗଲର ପୁନର୍ଜ୍ଜନନ ଏବଂ ୧୯,୯୭୫ ହେକ୍ଟର ଜମିରେ ବୃକ୍ଷରୋପଣ ସହିତ ପ୍ରାକୃତିକ ଜଙ୍ଗଲର ପୁନର୍ଜ୍ଜନନ କାର୍ଯ୍ୟ କରାଯାଇଛି । ଏତଦ୍ ବ୍ୟତୀତ ୧୦୦୫ ହେକ୍ଟର ଜଙ୍ଗଲ ଜମିରେ ଏକଚକଡି ବୃକ୍ଷରୋପଣ କରାଯାଇଛି । ସେଥିମଧ୍ୟରୁ ଚଳିତ ବର୍ଷ ଅର୍ଥାତ୍ ୨୦୨୪-୨୫ ରେ ମୋଟ ୪୨,୭୩୭ ହେକ୍ଟର ଜଙ୍ଗଲ ଅ*ଳରେ ରକ୍ଷଣାବେକ୍ଷଣ କାର୍ଯ୍ୟ ଚାଲିଛି । ଜୀବିକା ବିକାଶ ଆମ ଜଙ୍ଗଲ ଯୋଜନାର ଏକ ଗୁରୁତ୍ୱପୂର୍ଣ୍ଣ ଉପାଦାନ । ଆମ ଜଙ୍ଗଲ ଯୋଜନାର ଲକ୍ଷ୍ୟ ହେଉଛି ଜଙ୍ଗଲ ଅଧ୍ୟୁଷିତ ଗ୍ରାମ ମାନଙ୍କରେ ରହୁଥିବା ସମୁଦାୟମାନଙ୍କର ଜୀବିକା ସୁଯୋଗରେ ବିବିଧତା ଆଣିବା ଯାହାଦ୍ୱାରା ସେମାନଙ୍କ ଦୈନନ୍ଦିନ ଆବଶ୍ୟକତା ପାଇଁ ଜଙ୍ଗଲ ଉପରେ ନିର୍ଭରଶୀଳତା ହ୍ରାସ ପାଇବ । ସେପ୍ଟେମ୍ବର ୨୦୨୪ ସୁଦ୍ଧା, ଜୀବିକା ବିକାଶ ଏବଂ ଗୋଷ୍ଠୀ ଉନ୍ନୟନ କାର୍ଯ୍ୟକ୍ରମ ଅଧୀନରେ ଅନ୍ୟାନ୍ୟ ସହଯୋଗୀ ସରକାରୀ ବିଭାଗଗୁଡ଼ିକରୁ ୧୦୮୫.୧୮ କୋଟି ଟଙ୍କା ବିନିଯୋଗ କରାଯାଇ ୪୬୦୧ ବନ ସୁରକ୍ଷା ସମିତି ଏବଂ ୧୪,୨୬୩ ସ୍ୱୟଂ ସହାୟକ ଗୋଷ୍ଠୀର ପ୍ରାୟ ୩୨,୬୭,୮୦୮ ଜଣ ହିତାଧିକାରୀ ଉପକୃତ ହୋଇଛନ୍ତି । ଏତଦ୍ ବ୍ୟତୀତ ଆମ ଜଙ୍ଗଲ ଯୋଜନା ପ୍ରକଳ୍ପ ଅଞ୍ଚଳରେ ୬୧୨ଟି ବନ ସୁରକ୍ଷା ସମିତି କୋଠା ଗୃହ ତଥା ଆୟ ସୃଷ୍ଟି କାର୍ଯ୍ୟକଳାପ ସୁବିଧା କେନ୍ଦ୍ର ନିର୍ମାଣ କରାଯାଇ ବହୁମୁଖୀ ବ୍ୟବହାର ନିମନ୍ତେ ଗୋଷ୍ଠୀ ଗୁଡ଼ିକୁ ହସ୍ତାନ୍ତର କରାଯାଇଛି । ପ୍ରକଳ୍ପ ଅଞ୍ଚଳରେ ଥିବା ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକ ୪୨ ଟି ସହଯୋଗୀ ସରକାରୀ ବିଭାଗ ଏବଂ ଶିଳ୍ପ ସଂସ୍ଥା ଗୁଡିକର ସିଏସଆର ଏଜେନ୍ସି ସହିତ ସମନ୍ୱୟ ରକ୍ଷା କରି ବିଭିନ୍ନ ଆୟ ସୃଷ୍ଟି କାରୀ କାର୍ଯ୍ୟକ୍ରମ (IGP) ସହିତ ମଧ୍ୟ ସଂଯୁକ୍ତ ଅଛନ୍ତି । ଏହାବ୍ୟତୀତ, ଆମ ଜଙ୍ଗଲ ଯୋଜନାର ସମନ୍ୱିତ ପଦକ୍ଷେପ ଅଧୀନରେ ଗୋଷ୍ଠୀ ଭିତ୍ତିଭୂମି ବିକାଶ ସମ୍ବନ୍ଧୀୟ ଅନେକ କାର୍ଯ୍ୟକଳାପ କରାଯାଇଛି ।

ଚଳିତ ବର୍ଷ ୨୨ଗୋଟି ବନ ବିଭାଗ ଅଧୀନରେ ଥିବା ୮୮୪ଟି ବନ ସୁରକ୍ଷା ସମିତିରେ ୨୨,୮୧୨ ହେକ୍ଟର ଜମିରେ ବୃକ୍ଷରୋପଣ ବିନା ପ୍ରାକୃତିକ ଜଙ୍ଗଲର ପୁନର୍ଜ୍ଜନନ ଓ ୧୯,୯୨୫ ହେକ୍ଟର ଜମିରେ ବୃକ୍ଷରୋପଣ ସହିତ ପ୍ରାକୃତିକ ଜଙ୍ଗଲର ପୁନର୍ଜ୍ଜନନ କାର୍ଯ୍ୟକ୍ରମର ତୃତୀୟ ଓ ଚତୁର୍ଥ ବର୍ଷ ରକ୍ଷଣାବେକ୍ଷଣ କାର୍ଯ୍ୟ ଚାଲିଛି । ତେବେ ୮୮ଟି ସହଯୋଗୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଦଳ ସହାୟତାରେ ୧୪୨୪ ଗୋଟି ବନ ସୁରକ୍ଷା ସମିତିରେ ଜୀବିକା ଉନ୍ନୟନ ଓ ଗୋଷ୍ଠୀ ବିକାଶ କାର୍ଯ୍ୟ ଚାଲୁଅଛି ।




ରେଢାଖୋଲ ବନଖଣ୍ଡ ଅନ୍ତର୍ଗତ ଖଜୁରୀ ଝରନ ବନ ସୁରକ୍ଷା ସମିତିରେ ବୃକ୍ଷରୋପଣ ସହିତ ପ୍ରାକୃତିକ ଜଙ୍ଗଲର ପୁନର୍ଜ୍ଜନନ କାର୍ଯ୍ୟର ରକ୍ଷଣାବେକ୍ଷଣ




ବଲାଙ୍ଗୀର ବନଖଣ୍ଡର ସଇଁତଳା ବନାଞ୍ଚଳ ଅନ୍ତର୍ଗତ ଶୂଳିଆମାଳ ବନ ସୁରକ୍ଷା ସମିତିରେ ମୃତ୍ତିକା ଓ ଆର୍ଦ୍ରତା ସଂରକ୍ଷଣ କାର୍ଯ୍ୟର ରକ୍ଷଣାବେକ୍ଷଣ



ବାଲିଗୁଡା ବନଖଣ୍ଡ ଅନ୍ତର୍ଗତ ସିଲିକୁଟି ବନ ସୁରକ୍ଷା ସମିତି ସଭ୍ୟ ମାନଙ୍କୁ ଘାସବଛା ଜନ୍ତ୍ର ସହାୟତା




ଖରିଆର ବନଖଣ୍ଡ ଅନ୍ତର୍ଗତ ଡାବରୀ ବନ ସୁରକ୍ଷା ସମିତି ସଭ୍ୟ ମାନଙ୍କୁ ପାଣିପମ୍ପ ସହାୟତା




କେନ୍ଦୁଝର ବନଖଣ୍ଡ ଅନ୍ତର୍ଗତ ପୁଟୁଳିଆ ବନ ସୁରକ୍ଷା ସମିତିରେ ପନିପରିବା ଚାଷ ପାଇଁ ସହାୟତା



କୋରାପୁଟ ବନଖଣ୍ଡ ଅନ୍ତର୍ଗତ କେନ୍ଦୁପୁଟ ବନ ସୁରକ୍ଷା ସମିତିରେ ପନିପରିବା ଚାଷ ପାଇଁ ସହାୟତା

## ସଫଳ କାହାଣୀ

'ଆମ ଜଙ୍ଗଲ ଯୋଜନା' ମାଧ୍ୟମରେ ଅନେକ ଗୁଡ଼ିଏ ଆୟ ସୃଷ୍ଟିକାରୀ କାର୍ଯ୍ୟକ୍ରମ କରାଯାଇ ଜଙ୍ଗଲ ଉପକଣ୍ଠରେ ରହୁଥିବା ସମୁଦାୟମାନଙ୍କ ଜୀବନ ଏବଂ ଜୀବିକା ଦୃଶ୍ୟପଟ୍ଟରେ ପରିବର୍ତ୍ତନ ଅଣାଯାଇପାରିଛି । ଆମ ଜଙ୍ଗଲ ଯୋଜନାର ପ୍ରମୁଖ ଉପଲବ୍ଧି ଦ୍ୱାରା ଅନ୍ୟ ମାନଙ୍କୁ ଉତ୍ସାହିତ କରିବା ପାଇଁ ବିଭିନ୍ନ ସ୍ତରର ଅନେକଗୁଡ଼ିଏ ସଫଳ କାହାଣୀ ସୃଷ୍ଟି କରାଯାଇ ପାରିଛି । ସେଥିମଧ୍ୟରୁ କେତେକ ଅତ୍ୟନ୍ତ ପ୍ରଶଂସନୀୟ ଏବଂ ଗୋଷ୍ଠୀ ସମୁଦାୟର ସାମଗ୍ରିକ ବିକାଶ ପାଇଁ ମାଇଲଖୁଣ୍ଟ ଭାବରେ ବିବେଚନା କରାଯାଏ । ଏଭଳି କିଛି ପ୍ରୟାସକୁ ଏଠାରେ ସ୍ଥାନିତ କରାଯାଇଛି ।

କାହାଣୀ- ୧

### ସୁଦୃଢ଼ ସାମାଜିକ ଓ ଅର୍ଥନୈତିକ ବ୍ୟବସ୍ଥା ପାଇଁ ସଂଗଠିତ ପ୍ରଚେଷ୍ଟାର ଅନନ୍ୟ ଉଦାହରଣ; ବାଘିଆନସା ବନ ସୁରକ୍ଷା ସମିତି

(କେନ୍ଦୁଝର ବନଖଣ୍ଡ ଅନ୍ତର୍ଗତ ଚମ୍ପୁଆ ବନାଞ୍ଚଳର ବାଘିଆନସା ଗ୍ରାମର ସଫଳ କାହାଣୀ)

ଓଡ଼ିଶାର ସନ୍ତୁଳିତ ଜଙ୍ଗଲ ସମ୍ପଦର ଅବକ୍ଷୟ ଏବଂ ଏହାର ସୁଦୂର ପ୍ରସାରୀ ପ୍ରଭାବ ସମସ୍ତେ ଉପଲବ୍ଧି କରୁଛନ୍ତି । ପ୍ରକୃତିଦତ୍ତ ବନଜାତ ଉତ୍ପାଦ ଉପରେ କ୍ରମବର୍ଦ୍ଧିଷ୍ଣୁ ନିର୍ଭରଶୀଳତା ଏବଂ ଜଙ୍ଗଲ ସମ୍ପଦ ଉପରେ ଅତ୍ୟଧିକ ଚାପ ଫଳରେ ଜଙ୍ଗଲ ଉପକଣ୍ଠ ଗ୍ରାମ ମାନଙ୍କରେ ଲୋକଙ୍କ ଜୀବନଜୀବିକା ପ୍ରଭାବିତ ହୋଇଅଛି । ଜଙ୍ଗଲ ଉପକଣ୍ଠ ଗ୍ରାମ ଗୁଡ଼ିକରେ ବସବାସ କରୁଥିବା ସମୁଦାୟଙ୍କ ନୀରବତା, ଦାରିଦ୍ର୍ୟ ଓ ବେକାରୀ ସମସ୍ୟା ହିଁ ଦ୍ରୁତ ଜଙ୍ଗଲ ଅବକ୍ଷୟର ମୁଖ୍ୟ କାରଣ ବୋଲି ବିବେଚନା କରାଯାଏ । ଏହି ସମସ୍ୟାକୁ ଭିତ୍ତି କରି ସରକାର ଏକ ଯୁଗ୍ମ ବନ ପରିଚାଳନା ନୀତି ପ୍ରଣୟନ କରିଛନ୍ତି । ଏହି ଯୁଗ୍ମ ବନ ପରିଚାଳନା ନୀତିକୁ ଆଧାର କରି ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଅଧୀନସ୍ଥ 'ଓଡ଼ିଶା ବନାଞ୍ଚଳ ଉନ୍ନୟନ ସମିତି' ଜରିଆରେ ଆମ ରାଜ୍ୟର ୨୩ ଗୋଟି ବନଖଣ୍ଡରେ "ଆମ ଜଙ୍ଗଲ ଯୋଜନା "କାର୍ଯ୍ୟକାରୀ ହେଉଅଛି । ବନ ସଂରକ୍ଷଣ ସମିତି ଜରିଆରେ ଉଜୁଡ଼ା ଜଙ୍ଗଲର ପୁନରୁଦ୍ଧାର ଓ ଜଙ୍ଗଲ ଉପରେ ନିର୍ଭରଶୀଳ ଗୋଷ୍ଠୀଙ୍କୁ ବିକଳ୍ପ ଜୀବିକା ନିର୍ବାହର ପନ୍ଥା ପାଇଁ ପ୍ରୋତ୍ସାହିତ କରିବା ଏହି ଯୋଜନାର ମୁଖ୍ୟ ଉଦ୍ଦେଶ୍ୟ ।

ଆମ ଜଙ୍ଗଲ ଯୋଜନାର ପ୍ରମୁଖ ଉପଲବ୍ଧି ଦ୍ୱାରା ଅନ୍ୟ ମାନଙ୍କୁ ଉତ୍ସାହିତ କରିବା ପାଇଁ ବିଭିନ୍ନ ସ୍ତରର ଅନେକଗୁଡ଼ିଏ ସଫଳ କାହାଣୀ ସୃଷ୍ଟି କରାଯାଇ ପାରିଛି । ନିମ୍ନ କାହାଣୀରେ କେନ୍ଦୁଝର ବନଖଣ୍ଡ ଅନ୍ତର୍ଗତ ବାଘିଆନସା ବନ ସୁରକ୍ଷା ସମିତି ଦ୍ୱାରା ସ୍ଥାନୀୟ ଗ୍ରାମବାସୀ ମାନଙ୍କ ଜୀବିକାକୁ ସଶକ୍ତ କରିବା ତଥା ପାରିବାରିକ ଆୟବୃଦ୍ଧି ପାଇଁ ହାତକୁ ନିଆଯାଇଥିବା ଅଭିନବ କୌଶଳର ସଂକ୍ଷିପ୍ତ ବିବରଣୀ ପ୍ରକାଶ କରାଯାଇଛି । ଆଶା କରାଯାଉଛି ଯେ, ଅନ୍ୟମାନେ ମଧ୍ୟ ଏହି ଅସାଧାରଣ ଉପଲବ୍ଧି ଦ୍ୱାରା ଉତ୍ସାହିତ ହେବେ ଏବଂ ଜଙ୍ଗଲ ଅଧ୍ୟୁଷିତ ଗ୍ରାମର ଅଧିବାସୀ ମାନଙ୍କର ରୋଜଗାର ବୃଦ୍ଧିରେ ସହାୟକ ହେବା ସହିତ ପରୋକ୍ଷରେ ଜଙ୍ଗଲ ସମ୍ପଦର ସୁରକ୍ଷାରେ ସହାୟକ ହେବେ ।

କେନ୍ଦୁଝର ବନଖଣ୍ଡ ଅନ୍ତର୍ଗତ ଚମ୍ପୁଆ ବନାଞ୍ଚଳ ଅଧିନସ୍ଥ ବାଘିଆନସା ଗ୍ରାମରେ ୨୦୧୯-୨୦ ମସିହାରୁ ଏକ ବନ ସୁରକ୍ଷା ସମିତି ଗଠନ କରାଯାଇ 'ଆମ ଜଙ୍ଗଲ ଯୋଜନା' କାର୍ଯ୍ୟକାରୀ ହୋଇ ଆସୁଅଛି। ଏହି ଗ୍ରାମଟି କଙ୍କଡାଯୋଡି ଖେସରା ଜଙ୍ଗଲ ପରିସରରେ ଯାଉଥିବା ବେଳେ ଏଥିରୁ ୫୦ ହେକ୍ଟର ପରିମିତ ଜଙ୍ଗଲ ଅଞ୍ଚଳକୁ ବନ ସୁରକ୍ଷା ସମିତିକୁ ରକ୍ଷଣାବେକ୍ଷଣ ପାଇଁ ହସ୍ତାନ୍ତର କରାଯାଇଛି। ଗ୍ରାମର ମୋଟ ପରିବାର ସଂଖ୍ୟା ୪୪ ଏବଂ ଜନ ସଂଖ୍ୟା ୨୯୩। ଏହି ଗ୍ରାମରେ ପ୍ରାୟତଃ ସମସ୍ତ ବର୍ଗର ଲୋକମାନେ ବସବାସ କରନ୍ତି ଏବଂ ସମସ୍ତ ପରିବାର ଦାରିଦ୍ର୍ୟ ସୀମାରେଖା ତଳେ ଅଟନ୍ତି।

ବନ ସୁରକ୍ଷା ସମିତି ଗଠନ ହେବା ପୂର୍ବରୁ ଗ୍ରାମର ଲୋକମାନେ ଜଙ୍ଗଲ ସୁରକ୍ଷା ପ୍ରତି ବିଶେଷ ଯତ୍ନବାନ ନଥିଲେ। କିନ୍ତୁ ୨୦୧୯-୨୦ ମସିହାରେ ଏହି ଗ୍ରାମକୁ 'ଆମ ଜଙ୍ଗଲ ଯୋଜନା'ର ଅନ୍ତର୍ଭୁକ୍ତ କରିବା ପରେ ପରେ ଗ୍ରାମରେ ପ୍ରାକୃତିକ ସମ୍ପଦର ସୁରକ୍ଷା ହେବା ସହିତ ସାମାଜିକ, ଅର୍ଥନୈତିକ ଏବଂ ଜୀବିକା ନିର୍ବାହର ଦୃଶ୍ୟପଟରେ ଅଭୂତପୂର୍ବ ପରିବର୍ତ୍ତନ ପରିଲକ୍ଷିତ ହୋଇଅଛି। ତାହା ଏହି ସଫଳ କାହାଣୀର ମୂଳ ଉପଲବ୍ଧି। ଅସଂଗଠିତ ଗ୍ରାମବାସୀ ମାନଙ୍କୁ ବନ ସୁରକ୍ଷା ସମିତି ମାଧ୍ୟମରେ ସଂଗଠିତ କରି ସେମାନଙ୍କୁ ଜୀବିକା ନିର୍ବାହର ସୁସ୍ଥାୟୀ ମାଧ୍ୟମ ଯୋଗାଇଦେବା ପାଇଁ ଦାୟିତ୍ୱବାନ ପ୍ରକଳ୍ପ କର୍ମୀ ଏବଂ ସହଯୋଗୀ ବେସରକାରୀ ସଂଗଠନ (P-NGO) ଙ୍କ ନିରନ୍ତର ପ୍ରୟାସ ଅତ୍ୟନ୍ତ ପ୍ରଶଂସନୀୟ।

ବନ ସୁରକ୍ଷା ସମିତି ଗଠନ ହେବା ପରେ ଗ୍ରାମ ସଂଲଗ୍ନ ଜଙ୍ଗଲର ସୁରକ୍ଷା ଦ୍ୱାରା ଲୋକଙ୍କ ଜୀବନ-ଜୀବିକା, ସାମାଜିକ/ସାଂସ୍କୃତିକ ଏବଂ ଅର୍ଥନୈତିକ ସ୍ଥିତିରେ କିପରି ଉନ୍ନତି ଅଣାଯାଇପାରିବ ସେଥିପ୍ରତି ବିଶେଷ ଧ୍ୟାନ ଦିଆଗଲା। ଏହି ଗ୍ରାମକୁ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡିଶା ସରକାରଙ୍କ 'ଆମ ଜଙ୍ଗଲ ଯୋଜନା'ରେ ସାମିଲ କରି ପଞ୍ଜିକୃତ (KJR-0530-CH of 2019-2020) କରାଯାଇଥିଲା ଓ ଜଙ୍ଗଲ ସୁରକ୍ଷା ତଥା ସୁସ୍ଥାୟୀ ଜଙ୍ଗଲ ପରିଚାଳନା ପାଇଁ ବିଭିନ୍ନ ଅଭିନବ କାର୍ଯ୍ୟକ୍ରମ ଆରମ୍ଭ କରାଗଲା। ବନ ସୁରକ୍ଷା ସମିତି ମାଧ୍ୟମରେ ଗ୍ରାମର ସାମୁହିକ ବିକାଶ ପାଇଁ ଏକ ବିସ୍ତୃତ ଅଣୁ ଯୋଜନା (Micro-plan) ପ୍ରସ୍ତୁତ କରାଗଲା। ଏହି ଅଣୁ ଯୋଜନାରେ ଗ୍ରାମର ମୁଖ୍ୟ ସମସ୍ୟା ଏବଂ ପ୍ରସ୍ତାବିତ ଉନ୍ନୟନମୂଳକ କାର୍ଯ୍ୟକଳାପ ଗୁଡିକ ଉଲ୍ଲେଖ କରାଯାଇ ଗ୍ରାମସଭାରେ ଅନୁମୋଦନ କରାଯାଇଥିଲା ଏବଂ ପରେ ପରେ ଗ୍ରାମ ପଞ୍ଚାୟତ ସହ ଯୋଗାଯୋଗ ଦ୍ୱାରା ଏହାକୁ କାର୍ଯ୍ୟକାରୀ କରିବାପାଇଁ ପଦକ୍ଷେପ ନିଆଯାଇଥିଲା।

ପ୍ରଥମେ ଜଙ୍ଗଲ ସମ୍ପଦର ଅଭିବୃଦ୍ଧି ନିମନ୍ତେ ହସ୍ତାନ୍ତରିତ ଜଙ୍ଗଲ ଅଞ୍ଚଳରେ ମୃତ୍ତିକା ଓ ଜଳ ସଂରକ୍ଷଣ ଏବଂ ଅଗ୍ନି ନିରୋଧକ ରେଖା ନିର୍ମାଣ ଆଦି କାର୍ଯ୍ୟ ଗ୍ରାମବାସୀ, ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ଏବଂ ବନ ବିଭାଗର ମିଳିତ ସହଯୋଗରେ କରାଯାଇଥିଲା। ଇତି ମଧ୍ୟରେ ଗ୍ରାମରେ ଥିବା ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ମାନଙ୍କୁ ପାଳଛତୁ ଓ ମାଛଚାଷ ପାଇଁ ତାଲିମ ପ୍ରଦାନ କରାଯାଇ ଚାଷ ପାଇଁ ପ୍ରୋତ୍ସାହନ ଦିଆ ଯାଇଥିଲା। ଏହାହିଁ ଥିଲା ଗ୍ରାମରେ ଅର୍ଥନୈତିକ ପରିବର୍ତ୍ତନର ମୂଳଦୁଆ। ଏହା ପରେ ୨୦୨୨-୨୩ ଆର୍ଥିକ ବର୍ଷରେ ବାଘିଆନସା ବନ ସୁରକ୍ଷା ସମିତିର ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀଙ୍କ ଦ୍ୱାରା ଜିଆଖତ ପ୍ରସ୍ତୁତ କରିବା ପାଇଁ ପ୍ରସ୍ତାବ ଦିଆଗଲା। ଜିଆଖତ ପ୍ରସ୍ତୁତି ପାଇଁ ଗ୍ରାମରେ ସମସ୍ତ ଅନୁକୂଳ ପରିସ୍ଥିତି ଥିବା ସତ୍ତ୍ୱେ ସେମାନଙ୍କ ମନରେ ଏକ ବଡ ପ୍ରଶ୍ନ ଥିଲା; ଯଦି ସେମାନେ ଜିଆଖତ ପ୍ରସ୍ତୁତ କରନ୍ତି, ତାକୁ ବିକିବେ କେଉଁଠି। ଆମ ଜଙ୍ଗଲ ଯୋଜନା ପ୍ରକଳ୍ପର କର୍ମୀମାନେ ସେମାନଙ୍କୁ ବୁଝାଇଥିଲେ କି, ପ୍ରାରମ୍ଭିକ ବର୍ଷମାନଙ୍କରେ ଉତ୍ପାଦିତ ଜିଆଖତ ବନ ବିଭଗର ବୃକ୍ଷରୋପଣ କାର୍ଯ୍ୟରେ ଉପଯୋଗ ହେବ ଏବଂ ଏଣୁ ବିକ୍ରୀବଟାରେ କୌଣସି ଅସୁବିଧା ହେବନାହିଁ। ଏହାଦ୍ୱାରା ଉତ୍ସାହିତ ହୋଇ ୨୦୨୨-୨୩ ବର୍ଷରେ ୧୨ ଜଣ ମହିଳା ଜିଅଖତ ପ୍ରସ୍ତୁତ କରିଥିଲେ ଏବଂ ୯,୬୦୦ କେଜି ଜିଆଖତ ପ୍ରସ୍ତୁତ କରି ବନ ବିଭାଗକୁ ଯୋଗାଇ ଦେଇଥିଲେ। ଏହା ଦ୍ୱାରା ସ୍ୱୟଂ ସହାୟିକା ଗୋଷ୍ଠୀର ସଭ୍ୟାମାନେ ପାଖାପାଖି ଟ.୧,୯୨,୦୦୦/- ରୋଜଗାର କରି ପାରିଥିଲେ। ଏହି ସଫଳତା ଦ୍ୱାରା ପ୍ରେରିତ ହୋଇ ୨୦୨୩-୨୪ ଆର୍ଥିକ ବର୍ଷରେ ୩ ଗୋଟି ସ୍ୱୟଂ ସହାୟିକା ଗୋଷ୍ଠୀର ୩୨ ଜଣ ମହିଳା ଜିଅଖାତ ପ୍ରସ୍ତୁତ କରିଥିଲେ ଏବଂ ସେଥିରୁ ଉତ୍ପାଦିତ ୧୬,୯୫୦ କେଜି ଜିଆ ଖତ ବିକ୍ରି କରି ପାଖାପାଖି ଟ.୩,୩୯,୦୦୦/- ରୋଜଗାର କରିପାରିଥିଲେ। ଚଳିତ ବର୍ଷ (୨୦୨୪) ସେପ୍ଟେମ୍ବର ମାସ ସୁଦ୍ଧା ସେମାନେ ୬୬୦ କୁଇଣ୍ଟାଲ ଜିଆଖତ ଉତ୍ପାଦନ କରି ୧୩,୨୪,୮୦୦/- ଟଙ୍କା ରୋଜଗାର କରିବାରେ ସକ୍ଷମ ହୋଇପାରିଛନ୍ତି। ଏହା ସମ୍ପୂର୍ଣ୍ଣ ବେରୋଜଗାର ଗ୍ରାମୀଣ ମହିଳା ମାନଙ୍କ ପାଇଁ ଏକ ଅନନ୍ୟ ଉପଲବ୍ଧି ବୋଲି ସ୍ୱୟଂ ସହାୟିକା ଗୋଷ୍ଠୀର ସଭ୍ୟାମାନେ ପ୍ରକାଶ କରନ୍ତି। ଦୈନନ୍ଦିନ ଜୀବିକା ସୁରକ୍ଷିତ ରହିବା ଫଳରେ ଗ୍ରାମବାସୀମାନେ ବର୍ତ୍ତମାନ ଏକ ମନ ହେଇ ବନ ବିଭାଗ ସହଭାଗିତାରେ ଜଙ୍ଗଲ ସମ୍ପଦର ସୁରକ୍ଷା ପାଇଁ ଦୃଢ ନିଷ୍ପତ୍ତି ନେଇଛନ୍ତି।

ଏହା ବ୍ୟତୀତ ଛତୁ ଚାଷ ଓ ମାଛ ଚାଷ ମାଧ୍ୟମରେ ମଧ୍ୟ ଗ୍ରାମର ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟ ମାନେ ବିଶେଷ ଭାବରେ ଉପକୃତ ହୋଇପାରିଛନ୍ତି। ପୂର୍ବରୁ ସେମାନେ ସଂଗୃହୀତ ଲଘୁ ବନଜାତ ଦ୍ରବ୍ୟକୁ ଏହାର ପ୍ରକୃତ ମୂଲ୍ୟ ଆକଳନ କରି ନପାରି ଦଲାଲ ମାନଙ୍କୁ ସ୍ୱଳ୍ପ ମୂଲ୍ୟରେ ବିକ୍ରୀ କରିଦେଉଥିଲେ। ପରେ ପରେ ପ୍ରକଳ୍ପ କର୍ମୀମାନଙ୍କ ଦ୍ୱାରା ଗ୍ରାମରେ ନିୟମିତ ବୈଠକ ମାଧ୍ୟମରେ ବୁଝାଇବା ଫଳରେ ସେମାନେ ଏହାକୁ ମିଳିତ ଭାବରେ ବିକ୍ରୀ କରି ବର୍ଦ୍ଧିତ ମୂଲ୍ୟ ପାଇପାରିଲେ, ଯାହା ଦ୍ୱାରା ସେମାନଙ୍କର ଆର୍ଥିକ ସ୍ଥିତିରେ ସୁଧାର ଆସିବା ସହିତ ସାମାଜିକ ଚଳଣିରେ ମଧ୍ୟ ପରିବର୍ତ୍ତନ ଆସି ପାରିଲା। ଏଥି ସହିତ ଗ୍ରାମର ପାନୀୟ ଜଳ, ରାସ୍ତାଘାଟ ସୁବିଧା ଓ ବିଜୁଳି ସଂଯୋଗୀକରଣ ପରି ସାମୁହିକ ସମସ୍ୟା, ଯାହା ବର୍ଷ ବର୍ଷ ଧରି ରହି ଆସିଥିଲା, ତାହା ମଧ୍ୟ ସମ୍ମିଳିତ ପ୍ରଚେଷ୍ଟା ଦ୍ୱାରା ଆନ୍ତଃ-ବିଭାଗୀୟ ସମନ୍ୱୟ ମାଧ୍ୟମରେ ସମାଧାନ ହୋଇ ପାରିଲା।

ବହୁଦିନ ଧରି ଗ୍ରାମବାସୀମାନେ ଗ୍ରାମରେ ଏକ ବହୁମୁଖୀ କୋଠାଘର ପାଇଁ ଦାବି ଉପସ୍ଥାପନ କରି ଆସୁଥିଲେ, ଯାହା ସେମାନଙ୍କର ଜୀବିକା କାର୍ଯ୍ୟକ୍ରମ ପରିଚାଳନା, ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଆଶ୍ରୟସ୍ଥଳୀ ଏବଂ ବନ ସୁରକ୍ଷା ସମିତିର ରେକର୍ଡପତ୍ର ରଖିବା ପାଇଁ ଏକ ସୁରକ୍ଷିତ ସ୍ଥାନ

ଭାବରେ ବ୍ୟବହାର ହୋଇ ପାରିବ। ପରିଶେଷରେ ୨୦୨୪ ମସିହା ଅଗଷ୍ଟ ମାସ ୧୦ ତାରିଖରେ ଓଡ଼ିଶାର ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ଓ ଶ୍ରମ ମନ୍ତ୍ରୀ ଶ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ ଉକ୍ତ ବନ ସୁରକ୍ଷା ସମିତି କୋଠାକୁ ବାଘିଆନସା ବନ ସୁରକ୍ଷା ସମିତିକୁ ବହୁବିଧ ବ୍ୟବହାର ପାଇଁ ହସ୍ତାନ୍ତର କରିଥିଲେ। ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ସଦସ୍ୟାଙ୍କ ଅଦମ୍ୟ ପ୍ରଚେଷ୍ଟାକୁ ଉପଲବ୍ଧି କରି ମନ୍ତ୍ରୀ ମହୋଦୟ ଅତ୍ୟନ୍ତ ଆନନ୍ଦ ପ୍ରକାଶ କରିବା ସହିତ ସେମାନଙ୍କୁ ସେମାନଙ୍କର ଲାଭାଂଶ ଟ. ୧୩, ୨୪, ୮୦୦/- ଚେକ୍ ଆକାରରେ ପ୍ରଦାନ କରିଥିଲେ।

"ଜଙ୍ଗଲ ସମ୍ପଦର ସଂରକ୍ଷଣ ପାଇଁ ଆମକୁ ଯେତିକି ଯତ୍ନବାନ ହେବାକୁ ପଡ଼ିବ, ଜଙ୍ଗଲ ସୀମାନ୍ତରେ ରହୁଥିବା ସମ୍ପ୍ରଦାୟର ଜୀବିକା ଏବଂ ଅର୍ଥନୈତିକ ଅବସ୍ଥାରେ ଉନ୍ନତି ଆଣିବା ପାଇଁ ମଧ୍ୟ ଆମକୁ ସେତିକି ଆବଶ୍ୟକୀୟ ପଦକ୍ଷେପ ନେବାକୁ ପଡ଼ିବ। ଯାହାଦ୍ୱାରା ଜଙ୍ଗଲ ସମ୍ପଦ ଉପରେ ସେମାନଙ୍କର ଏକକ ନିର୍ଭରଶୀଳତା ହ୍ରାସ ପାଇବ ଏବଂ ଏହାଦ୍ୱାରା ଜଙ୍ଗଲ ସମ୍ପଦ ମଧ୍ୟ ସୁରକ୍ଷିତ ରହିପାରିବ। ବାଘିଆନସା ଗ୍ରାମବାସୀଙ୍କ ସଫଳତା ଏକ ଉଦାହରଣ ମାତ୍ର। ଏହି ଉପଲବ୍ଧିକୁ ଅନ୍ୟାନ୍ୟ ଜଙ୍ଗଲ ଅଧ୍ୟୁଷିତ ଗ୍ରାମରେ ପହଞ୍ଚାଇ ପାରିଲେ ଅନେକ ସୁଫଳ ମିଳିବ।" – ବିଭାଗୀୟ ବନ ଅଧିକାରୀ ଶ୍ରୀ ଧନରାଜ ଏଚ୍ ଡି ପ୍ରକାଶ କରିଛନ୍ତି।



ବାଘିଆନସା ବନ ସୁରକ୍ଷା ସମିତିରେ ଗ୍ରାମବାସୀ ମାନଙ୍କ ସହଭାଗୀତା ରେ ବିସ୍ତୃତ ଅଣୁ ଯୋଜନା ପ୍ରସ୍ତୁତି



ବାଘିଆନସା ଗ୍ରାମର ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ସଦସ୍ୟାଙ୍କ ଦ୍ୱାରା ଦୀର୍ଘସୂତ୍ରୀ ଜୀବିକା ବିକାଶ ଯୋଜନା ପାଇଁ ବୈଠକ






ବାଘିଆନସା ବନ ସୁରକ୍ଷା ସମିତିର ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ସଦସ୍ୟାମାନଙ୍କ ଦ୍ୱାରା ମିଳିତ ଛତୁ ଚାଷ ଓ ମାଛ ଚାଷ





ବନ ସୁରକ୍ଷା ସମିତି ଓ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ସଦସ୍ୟାମାନେ ସାମୂହିକ ବିକ୍ରୟ କେନ୍ଦ୍ର ତଥା ନବ ନିର୍ମିତ ବନ ସୁରକ୍ଷା ସମିତି ଗୃହରେ ଜିଆଖତ ବିକ୍ରି କରୁଛନ୍ତି

କାହାଣୀ- ୨

## କୁକୁଡ଼ା ଚାଷ ମାଧ୍ୟମରେ ଜୀବିକା ଦୃଶ୍ୟପଟ୍ଟରେ ପରିବର୍ତ୍ତନ;

(ବାଲିଗୁଡ଼ା ବନଖଣ୍ଡ ଅନ୍ତର୍ଗତ ଦାରିଙ୍ଗିବାଡ଼ି ବନାଞ୍ଚଳ ଅଧୀନରେ ଥିବା ତୁଳସୀ ସ୍ୱୟଂ ସହାୟିକା ଗୋଷ୍ଠୀ (କୁମ୍ଭାରମୁଣ୍ଡା ବନ ସୁରକ୍ଷା ସମିତି)ର ସଫଳ କାହାଣୀ)

କୁକୁଡ଼ା ପାଳନକୁ ଏକ ସଫଳ ଗ୍ରାମୀଣ ଉଦ୍ୟୋଗ ଭାବରେ ବିବେଚନା କରାଯାଏ, ଯାହା ମାଧ୍ୟମରେ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟମାନେ ଭଲ ରୋଜଗାର କରୁଛନ୍ତି। ଗ୍ରାମାଞ୍ଚଳରେ ଖାଦ୍ୟ ଅଭ୍ୟାସରେ ପରିବର୍ତ୍ତନ, ଅଧିକାଂଶ ଉପଭୋକ୍ତାଙ୍କ ପସନ୍ଦ ଏବଂ ଖାଉଟି ବଜାରର ନିକଟତରତା ତୁଳସୀ ସ୍ୱୟଂ ସହାୟିକା ଗୋଷ୍ଠୀ ସଦସ୍ୟା ମାନଙ୍କୁ କୁକୁଡ଼ା ପାଳନ ଉଦ୍ୟୋଗ ପାଇଁ ପ୍ରୋତ୍ସାହିତ କରିଛି। ଗ୍ରାମାଞ୍ଚଳରେ ଲୋକମାନେ ସାଧାରଣତଃ ବୃହତ ପରିବର୍ତ୍ତେ କ୍ଷୁଦ୍ର ଓ ମଧ୍ୟମ କୁକୁଡ଼ା ପାଳନ ୟୁନିଟ୍ କୁ ପସନ୍ଦ କରିଥାନ୍ତି, ଯାହାଦ୍ୱାରା ସେମାନଙ୍କ ପରିବାରର ମହିଳା ସଦସ୍ୟାମାନେ ଏହାକୁ ସହଜରେ ପରିଚାଳନା କରିପାରିବେ। ଫଳରେ ଆଜିକାଲି ଏହି ୟୁନିଟ୍ ଗୁଡ଼ିକ ଲୋକପ୍ରିୟ ହେବାରେ ଲାଗିଛି। ଏହା କୌଣସି ଅତିରିକ୍ତ ବ୍ୟୟ ନକରି ମଧ୍ୟ ପରିବାରଗୁଡ଼ିକୁ ଉନ୍ନତ ମାନର ପୋଷଣ ସହିତ ଅଧିକ ଆୟ ଯୋଗାଇ ଥାଏ।

ତୃଣମୂଳ ସ୍ତରର ପଦକ୍ଷେପ କିପରି ଜୀବନରେ ପରିବର୍ତ୍ତନ ଆଣିପାରିବ ତାହା ଦାରିଙ୍ଗିବାଡ଼ି ବ୍ଲକ କିରିକୁଟି ଗ୍ରାମପଞ୍ଚାୟତ ସଦର ମହକୁମାଠାରୁ ୫ କିଲୋମିଟର ଦୂରରେ ଅବସ୍ଥିତ ଏକ ଛୋଟ ଆଦିବାସୀ ଜଙ୍ଗଲ ଅଧ୍ୟୁଷିତ ଗ୍ରାମ କୁମ୍ଭାରମୁଣ୍ଡାର ଏହି ସଫଳକାହାଣୀରେ ପ୍ରତିଫଳିତ। ବାଲିଗୁଡ଼ା ବନଖଣ୍ଡ ଅଧୀନ ଦାରିଙ୍ଗିବାଡି ରେଞ୍ଜ ଅଧୀନରେ ଥିବା ଏହି ଗାଁରେ କେବଳ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ସମ୍ପ୍ରଦାୟର ଲୋକେ ବସବାସ କରୁଥିବା ବେଳେ ସେମାନଙ୍କ ମଧ୍ୟରୁ ଅଧିକାଂଶ ପରିବାର ଦାରିଦ୍ର୍ୟ ସୀମାରେଖା ତଳେ ଅନ୍ତର୍ଭୁକ୍ତ। ସେମାନଙ୍କର ଜୀବନ-ଜୀବିକା ନିର୍ବାହ ମୁଖ୍ୟତଃ ଚାଷ, ଛେଳି ପାଳନ, କ୍ଷୁଦ୍ର ଜଙ୍ଗଲ ଜାତ ଦ୍ରବ୍ୟ ସଂଗ୍ରହ ଏବଂ ଦୈନିକ ମଜୁରି ଉପରେ ନିର୍ଭର କରେ।



ଗ୍ରାମରେ ଜୀବିକା ଯୋଜନା ପ୍ରସ୍ତୁତି



କୁକୁଡା ଫାର୍ମର ଭିତରର ଦୃଶ୍ୟ



ବିକ୍ରୟ ପାଇଁ ଅଣ୍ଡା ସଂଗ୍ରହ



କୁକୁଡା ଫାର୍ମରେ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟାମାନେ

୨୦୧୮-୧୯ମସିହାରେ ଏହି ଗ୍ରାମକୁ ଆମ ଜଙ୍ଗଲ ଯୋଜନା (AJY)ର ଅନ୍ତର୍ଭୁକ୍ତ କରାଯାଇଥିଲା। ଏହି କାର୍ଯ୍ୟକ୍ରମର ଏକ ଉପାଦାନ ଭାବରେ ନିର୍ଦ୍ଧାରିତ ଜଙ୍ଗଲ ଅଞ୍ଚଳରେ ଜଙ୍ଗଲ ସମ୍ପଦର ସୁରକ୍ଷା ଏବଂ ପରିଚାଳନା ପାଇଁ ଏକ ବନ ସୁରକ୍ଷା ସମିତି ଗଠନ କରାଯାଇଥିଲା। ଆମ ଜଙ୍ଗଲ ଯୋଜନାର ପ୍ରମୁଖ ସଫଳତା ମଧ୍ୟରେ ତୁଳସୀ ସ୍ୱୟଂ ସହାୟକ ଗୋଷ୍ଠୀ ମାଧ୍ୟମରେ କୁକୁଡ଼ା ଚାଷକୁ ଏକ ସ୍ଥାୟୀ ଜୀବିକା ବିକଳ୍ପ ଭାବରେ ସଫଳତାର ସହ କାର୍ଯ୍ୟକାରୀ କରାଯାଇ ପାରିଛି।

୨୦୧୮-୧୯ରେ ତୁଳସୀ ସ୍ୱୟଂ ସହାୟିକା ଗୋଷ୍ଠୀ ଗଠନ କରାଯାଇଥିଲା, ଯେଉଁଥିରେ ଆମ ଜଙ୍ଗଲ ଯୋଜନା ପ୍ରକଳ୍ପ କର୍ମୀଙ୍କ ମାର୍ଗଦର୍ଶନରେ ଏବଂ ଆଇଟିଡିଏ, ବାଲିଗୁଡ଼ା ଏବଂ ଓଡିଶା ଜୀବିକା ମିସନ, ଦାରିଙ୍ଗବାଡିର "ମିଶନ ଜୀବିକା" ଯୋଜନା ସମନ୍ୱୟରେ ୧୨ ଜଣ ଆଦିବାସୀ ମହିଳା ସାମିଲ ଥିଲେ। ଅଣ୍ଡା ଓ ମାଂସର ବର୍ଦ୍ଧମାନ ବଜାର ଚାହିଦାକୁ ଦୃଷ୍ଟିରେ ରଖି ଏହି ଗୋଷ୍ଠୀ କୁକୁଡ଼ା ଚାଷ କରିବାକୁ ନିଷ୍ପତ୍ତି ନେଇଥିଲେ।

ଆନ୍ତଃ-ବିଭାଗୀୟ ସଂଯୋଗୀକରଣ ପଦକ୍ଷେପ ଅଧୀନରେ ୨୦୨୩-୨୪ ଆର୍ଥିକ ବର୍ଷରେ ସ୍ୱୟଂ ସହାୟିକା ଗୋଷ୍ଠୀକୁ କୁକୁଡ଼ା ଫାର୍ମ ପ୍ରତିଷ୍ଠା ପାଇଁ ସହାୟତା ଓ ତତ୍ ସହିତ ୫୦୦ କୁକୁଡା ଛୁଆ ଯୋଗାଇ ଦିଆଯାଇଥିଲା। ଉଦ୍ଦେଶ୍ୟ ଥିଲା, ମହିଳାମାନେ ସ୍ଥାନୀୟ ଅର୍ଥନୀତିରେ ଯୋଗଦାନ ଦେବା ସହିତ ପରିବାର ପାଇଁ ଏକ ସୁସ୍ଥାୟୀ ଆୟର ଉତ୍ସ ନିଶ୍ଚିତ କରିବେ ଏବଂ ଏହା ମହିଳାମାନଙ୍କୁ ସଶକ୍ତ କରିବ। 'ତୁଳସୀ ସ୍ୱୟଂ ସହାୟିକା ଗୋଷ୍ଠୀ' ଦ୍ୱାରା ପରିଚାଳିତ ଏହି କୁକୁଡ଼ା ଫାର୍ମରେ ଏବେ ଦୈନିକ ୫୦୦ ଅଣ୍ଡା ଉତ୍ପାଦନ ହେଉଛି, ଯେଉଁଥିରୁ ଦୈନିକ ୩,୦୦୦ ଟଙ୍କା ରୋଜଗାର ହେଉଛି। ସେମାନେ ହାରାହାରି ମାସିକ ୯୦,୦୦୦/- ଟଙ୍କା ରୋଜଗାର କରନ୍ତି, ସେଥିମଧ୍ୟରୁ ୩୪,୦୦୦/- ଟଙ୍କା କୁକୁଡ଼ା ଖାଦ୍ୟ, ରକ୍ଷଣାବେକ୍ଷଣ ଏବଂ ଅନ୍ୟାନ୍ୟ ପରିଚାଳନା ଖର୍ଚ୍ଚ କାଟିବା ପରେ ବଳକା ଅର୍ଥକୁ ଲାଭାଂଶ ହିସାବରେ ରଖାଯାଏ। ଏହି ଆୟ କେବଳ ଯେ ସ୍ୱୟଂ ସହାୟିକା ଗୋଷ୍ଠୀ ସଦସ୍ୟାଙ୍କ ଆର୍ଥିକ ସ୍ଥିରତାକୁ ବୃଦ୍ଧି କରିନାହିଁ, ବରଂ ଆମ ଜଙ୍ଗଲ ଯୋଜନା ଅଧୀନରେ ଗୋଷ୍ଠୀ ଦ୍ୱାରା ପରିଚାଳିତ ଜୀବିକା କାର୍ଯ୍ୟକ୍ରମର ସଫଳତାକୁ ମଧ୍ୟ ପ୍ରଦର୍ଶିତ କରୁଛି ।

ଏହି ପଦକ୍ଷେପର ସଫଳତା ପାଇଁ ଆମ ଜଙ୍ଗଲ ଯୋଜନା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା। ପ୍ରଶିକ୍ଷଣ କାର୍ଯ୍ୟକ୍ରମ, ନିୟମିତ ବୈଠକ ଏବଂ ତଦାରଖ ସମେତ ନିରନ୍ତର ସମର୍ଥନ ମାଧ୍ୟମରେ ଆମ ଜଙ୍ଗଲ ଯୋଜନା କର୍ମଚାରୀମାନେ କୁକୁଡ଼ା ଚାଷ ଏବଂ ଉତ୍ପାଦିତ ସାମଗ୍ରୀର ବିକ୍ରୟ ପାଇଁ ଏକ ଗଠନମୂଳକ ଏବଂ ସ୍ଥାୟୀ ଆଭିମୁଖ୍ୟ ଗ୍ରହଣ କରିବାକୁ ସ୍ୱୟଂ ସହାୟିକା ଗୋଷ୍ଠୀ ସଦସ୍ୟାମାନଙ୍କୁ ଉତ୍ସାହିତ କରିଥିଲେ। ଏହି ମାର୍ଗଦର୍ଶନ ମହିଳା ସଦସ୍ୟାମାନଙ୍କୁ ଆହ୍ୱାନର ମୁକାବିଲା କରିବା ଏବଂ ସେମାନଙ୍କ ବ୍ୟବସାୟକୁ ଆଗକୁ ବଢେଇବାରେ ସାହାଯ୍ୟ କରିଥିଲା। 'ତୁଳସୀ ସ୍ୱୟଂ ସହାୟିକା ଗୋଷ୍ଠୀ' ବର୍ତ୍ତମାନ ଉକ୍ତ ଅଞ୍ଚଳରେ ଅର୍ଥନୈତିକ ଆତ୍ମନିର୍ଭରଶୀଳତା ପାଇଁ ଏକ ଆଦର୍ଶ ନମୁନା ଭାବରେ କାର୍ଯ୍ୟ କରୁଛି, ଯାହା ଦର୍ଶାଉଛି ଯେ କିପରି ମହିଳା ମାନଙ୍କ ନେତୃତ୍ୱାଧୀନ ଉଦ୍ୟୋଗଗୁଡ଼ିକ ସଠିକ ସହାୟତା ମାଧ୍ୟମରେ ସମ୍ପୂର୍ଣ୍ଣ ସମୃଦ୍ଧ ହୋଇପାରିବେ। ଏତଦ୍ ବ୍ୟତୀତ କୁକୁଡ଼ା ଚାଷ, ବିକ୍ରୟ ଓ ସମ୍ବଳ ପରିଚାଳନା କ୍ଷେତ୍ରରେ ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟମାନେ ମୂଲ୍ୟବାନ ଦକ୍ଷତା ମଧ୍ୟ ଅର୍ଜନ କରିଛନ୍ତି। କୁମ୍ଭାରମୁଣ୍ଡା ଗ୍ରାମର 'ତୁଳସୀ ସ୍ୱୟଂ ସହାୟକ ଗୋଷ୍ଠୀ'ର ସଫଳତା ଆମ ଜଙ୍ଗଲ ଯୋଜନା ଏବଂ ମିଶନ ଜୀବିକା ମଧ୍ୟରେ ଏକ ସଫଳ ସହଯୋଗୀ ପଦକ୍ଷେପର ପରିବର୍ତ୍ତନମୂଳକ ପ୍ରଭାବକୁ ଦର୍ଶାଉଛି। ତୃଣମୂଳ ସ୍ତରର ଭାଗୀଦାରିତାକୁ ଆବଶ୍ୟକତା ଭିତ୍ତିକ ସହାୟତା ସହିତ ସଂଯୁକ୍ତ କରାଇ ଏହି ପଦକ୍ଷେପ ଅର୍ଥନୈତିକ ଆତ୍ମନିର୍ଭରଶୀଳତା ହାସଲ କରିବା ପାଇଁ ଅବହେଳିତ ସମ୍ପ୍ରଦାୟର ସଶକ୍ତୀକରଣ ଉପରେ ଆଲୋକପାତ କରିଛି। ତୁଳସୀ ସ୍ୱୟଂ ସହାୟିକା ଗୋଷ୍ଠୀର ଏହି ସଫଳ କାହାଣୀ ଜଙ୍ଗଲ ସୀମାନ୍ତ ଅଞ୍ଚଳରେ ନିରନ୍ତର ବିକାଶ ପାଇଁ ମହିଳାଙ୍କ ନେତୃତ୍ୱାଧୀନ ଉଦ୍ୟୋଗଗୁଡ଼ିକର ସାମର୍ଥ୍ୟର ପ୍ରମାଣ ଦିଏ।

କାହାଣୀ-୩

## କୋରାପୁଟ ବନଖଣ୍ଡ ଅଧୀନ ତଲଗୁଡା ବନ ସୁରକ୍ଷା ସମିତି ର କାହାଣୀ: ଜୀବିକା ବିକଳ୍ପର ବିବିଧତା ଯୋଗୁଁ ଜଙ୍ଗଲ ସୁରକ୍ଷା

ସବୁ ଗାଁର ପ୍ରତ୍ୟେକ ପରିବାରର ମୁଖ୍ୟ ଆବଶ୍ୟକତା ହେଉଛି ରୋଜଗାରର ଏକ ସୁରକ୍ଷିତ ଉତ୍ସ ସୁନିଶ୍ଚିତ କରିବା। ଜଙ୍ଗଲ ଉପକଣ୍ଠରେ ରହୁଥିବା ସମୁଦାୟ ନିଜର ଜୀବିକା ପାଇଁ ଜଙ୍ଗଲ ସମ୍ପଦ ଉପରେ ନିର୍ଭରଶୀଳ। ବେଳେବେଳେ ଲଘୁ ଜଙ୍ଗଲ ଜାତ ଦ୍ରବ୍ୟ ସଂଗ୍ରହ ପାଇଁ ନିର୍ଭରଶୀଳ ସମ୍ପ୍ରଦାୟ ମାନଙ୍କ ମଧ୍ୟରେ ପ୍ରତିଯୋଗିତା ଲାଗି ରହିଥାଏ, ଯାହା ଫଳରେ ଏହାର ଉପଲବ୍ଧତା ହ୍ରାସ ପାଇଥାଏ। ଜଙ୍ଗଲ ସମ୍ପଦର ଅତ୍ୟଧିକ ଶୋଷଣ ଯୋଗୁଁ ଜଙ୍ଗଲ ସମ୍ପଦର ଗୁଣବତ୍ତା ଏବଂ ପରିମାଣ, ଉଭୟ ହ୍ରାସ ପାଇଥାଏ । ଅପରପକ୍ଷେ, ଯେତେବେଳେ ସମ୍ପ୍ରଦାୟଗୁଡ଼ିକୁ ଏକ ସୁରକ୍ଷିତ ଏବଂ ବିକଳ୍ପ ଜୀବିକା ଯୋଗାଇ ଦିଆଯାଇଥାଏ, ସେମାନେ ଅବକ୍ଷୟିତ ଜଙ୍ଗଲର ସୁରକ୍ଷା ଏବଂ ପୁନର୍ଜ୍ଜନନରେ ପ୍ରମୁଖ ଭୂମିକା ଗ୍ରହଣ କରିପାରିଥାନ୍ତି। ଜଙ୍ଗଲ ସୁରକ୍ଷା ଦିଗରେ ତଲଗୁଡା ବନ ସୁରକ୍ଷା ସମିତି ସଦସ୍ୟଙ୍କୁ ଏକାଠି କରିବା ପାଇଁ ଆମ ଜଙ୍ଗଲ ଯୋଜନା ଦଳ ନେଇଥିବା ପଦକ୍ଷେପର ଉଦାହରଣ ଏଠାରେ ଦିଆଯାଇଛି ।

କୋରାପୁଟ ବନଖଣ୍ଡ ଅନ୍ତର୍ଗତ ଦୁର୍ଗମ ଜଙ୍ଗଲ ପରିବେଷ୍ଟିତ ଏକ ଛୋଟ ଗାଁ 'ତଲଗୁଡ଼ା'ରେ ୬୭ ଜଣ ମହିଳା ଓ ୫୧ ଜଣ ପୁରୁଷଙ୍କ ସମେତ ୨୨ ଟି ପରିବାରର ୧୧୮ ଜଣ ଲୋକ ବସବାସ କରନ୍ତି । ଅନେକ ଜଙ୍ଗଲ ସୀମାନ୍ତ ଗାଁ ଭଳି ତଲଗୁଡ଼ା ବନ ସୁରକ୍ଷା ସମିତି ମଧ୍ୟ ଏହାର ବାସିନ୍ଦାମାନଙ୍କୁ ସ୍ଥାୟୀ ଜୀବିକା ଯୋଗାଇବାରେ ଅନେକ ଆହ୍ୱାନର ସମ୍ମୁଖୀନ ହୋଇଥିଲା। ବିଶେଷ କରି ମହିଳାମାନେ ସମ୍ପଦପୂର୍ଣ୍ଣ ଜଙ୍ଗଲ ନିକଟରେ ରହି ମଧ୍ୟ ଜୀବିକା ନିର୍ବାହ କରିବା ପାଇଁ ସର୍ବଦା ସଂଘର୍ଷ କରୁଥିଲେ।

ଆମ ଜଙ୍ଗଲ ଯୋଜନା ଦଳ ବାହାରର ବଜାରକୁ ସଂଯୋଗ କରିବା ସହ ସେମାନଙ୍କ ଉତ୍ପାଦିତ ଦ୍ରବ୍ୟର ଉଚିତ ମୂଲ୍ୟ ସୁନିଶ୍ଚିତ କରିବା ପାଇଁ ସହାୟତା କରିଥିଲେ। ସବୁଠାରୁ ବଡ଼ କଥା ହେଲା, ଜଙ୍ଗଲ ନିଆଁ ନିୟନ୍ତ୍ରଣ ଓ ଖାଲି ସ୍ଥାନରେ ବୃକ୍ଷରୋପଣ ଭଳି କାର୍ଯ୍ୟ ମାଧ୍ୟମରେ ଗ୍ରାମବାସୀମାନେ ଆଖପାଖ ଜଙ୍ଗଲର ସୁରକ୍ଷାରେ ନିୟୋଜିତ ହୋଇଥିଲେ।












ଅର୍ଥନୈତିକ ସଶକ୍ତୀକରଣ ଏବଂ ପରିବେଶ ସନ୍ତୁଳନର ଆବଶ୍ୟକତାକୁ ଅନୁଭବ କରି ତଲଗୁଡ଼ାର ମହିଳାମାନେ ସେମାନଙ୍କ ଆହ୍ୱାନର ମୁକାବିଲା ପାଇଁ ଏକ ସ୍ୱୟଂ ସହାୟକ ଗୋଷ୍ଠୀ (SHG) ଗଠନ କରିବାକୁ ନିଷ୍ପତ୍ତି ନେଇଥିଲେ। ଆମ ଜଙ୍ଗଲ ଯୋଜନା ପ୍ରକଳ୍ପ ଦଳ ସହାୟତାରେ ସେମାନେ ହଳଦୀ ଚାଷକୁ ଏକ ସ୍ଥାୟୀ ଜୀବିକା ବିକଳ୍ପ ଭାବରେ ବାଛିଥିଲେ ଏବଂ ଏକ ପରିବର୍ତ୍ତନଶୀଳ ଯାତ୍ରା ପାଇଁ ମଞ୍ଚ ପ୍ରସ୍ତୁତ କରିଥିଲେ। ଗୋଷ୍ଠୀ ବାସିନ୍ଦାମାନଙ୍କ ପାଇଁ ଏକ ସମ୍ପୂର୍ଣ୍ଣ ନୂତନ ଫସଲ ହୋଇଥିଲେ ମଧ୍ୟ ଆବଶ୍ୟକ ବୈଷୟିକ ଏବଂ ନିବେଶ ସହାୟତା ଆମ ଜଙ୍ଗଲ ଯୋଜନା ତରଫରୁ ଯୋଗାଇ ଦିଆଯାଇଥିଲା। ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ସଦସ୍ୟମାନଙ୍କୁ ଉଦ୍ୟାନ କୃଷି ବିଭାଗ ସହ ସମନ୍ୱୟରେ ଆବଶ୍ୟକ ତାଲିମ, ପ୍ରତ୍ୟକ୍ଷ ସହାୟତା ଏବଂ ଆବଶ୍ୟକୀୟ କୃଷି ସାମଗ୍ରୀ ଯୋଗାଇ ଦିଆଯାଇଥିଲା। ମହିଳାମାନଙ୍କୁ ଜୈବିକ ଖତ ପ୍ରସ୍ତୁତି, ଜମି ପ୍ରସ୍ତୁତି ଏବଂ ହଳଦୀର ରୋପଣ ପରବର୍ତ୍ତୀ ପରିଚାଳନା ସମେତ ସୁ-ସ୍ଥାୟୀ ହଳଦୀ ଚାଷର କୌଶଳ ଶିଖାଯାଇଥିଲା।

ମହିଳାମାନଙ୍କ ପାଇଁ ଏହି ଚାଷ ନୂଆ ହୋଇଥିଲେ ମଧ୍ୟ ସେମାନେ ଏହି ଆହ୍ୱାନକୁ ଗ୍ରହଣ କରି ଆଗେଇଥିଲେ। ସେମାନେ ଗଛ ତଳେ ଆଂଶିକ ଛାୟା ଅବସ୍ଥାରେ ହଳଦୀ ଚାଷ କରିଥିଲେ ଏବଂ ପରିବେଶ ସଂରକ୍ଷଣ ସହିତ କୃଷି କାର୍ଯ୍ୟକୁ ଏହା ସହିତ ସଂଯୋଗ କରିଥିଲେ। ପ୍ରଥମ ବର୍ଷରେ ମହିଳାମାନେ ଅମଳରେ ଉଲ୍ଲେଖନୀୟ ସଫଳତା ହାସଲ କରିଥିଲେ।

ସମୁଦାୟ ୩୮ କୁଇଣ୍ଟାଲ କଞ୍ଚା ହଳଦୀ ଉତ୍ପାଦନ କରାଯାଇଥିଲା ଯାହାକୁ ସେମାନେ ଉଚିତ ମୂଲ୍ୟରେ ବିକ୍ରି କରି ପ୍ରାୟ ୧,୧୪,୦୦୦/- ଟଙ୍କା ରୋଜଗାର କରିପାରିଥିଲେ। ଏହା ସେମାନଙ୍କ ଆୟକୁ ଯଥେଷ୍ଟ ବୃଦ୍ଧି କରିଥିଲା ଏବଂ ସେମାନେ ସେମାନଙ୍କର ମୌଳିକ ଘରୋଇ ଆବଶ୍ୟକତା ଉପରେ ଏହି ଅର୍ଥକୁ ବିନିଯୋଗ କରିଥିଲେ। ଆମ ଜଙ୍ଗଲ ଯୋଜନାର ସହାୟତା ମହିଳାମାନଙ୍କୁ ସେମାନଙ୍କୁ ବାହ୍ୟ ବଜାର ସହିତ ସଂଯୋଗ କରିବାରେ ସାହାଯ୍ୟ କରିଥିଲା, ଯାହା ସେମାନଙ୍କର ଉତ୍ପାଦର ଉଚିତ ମୂଲ୍ୟ

ପାଇବା ସୁନିଶ୍ଚିତ କରିଥିଲା। ଗଛ ଛାଇ ତଳେ ହଳଦୀ ଚାଷ ମଧ୍ୟ ସେଠାକାର ମୃତ୍ତିକା ଅବସ୍ଥାରେ ଉନ୍ନତି ଆଣିଥିଲା, ଫସଲ ବିବିଧତାକୁ ପ୍ରୋତ୍ସାହିତ କରିଥିଲା ଏବଂ ସ୍ଥାନୀୟ ଅର୍ଥନୀତିକୁ ସୁଦୃଢ କରିଥିଲା।

ଏହି ପଦକ୍ଷେପର ଏହିପରି ଭାବରେ ସୁଦୂରପ୍ରସାରୀ ପ୍ରଭାବ ପଡ଼ିଥିଲା:

୧. ଅର୍ଥନୈତିକ ସଶକ୍ତୀକରଣ: ମହିଳାମାନେ ପାରମ୍ପରିକ ପ୍ରତିବନ୍ଧକକୁ ଭାଙ୍ଗି ଆର୍ଥିକ ସ୍ୱାଧୀନତା ଏବଂ ଆତ୍ମବିଶ୍ୱାସ ହାସଲ କରିପାରିଥିଲେ।

୨. ପରିବେଶ ସଂରକ୍ଷଣ: କୃଷି ବନୀକରଣ ଦ୍ୱାରା ମୃତ୍ତିକା ଅବସ୍ଥାରେ ଉନ୍ନତି ଏବଂ ସ୍ଥିରତାରେ ସହାୟକ ହୋଇଥିଲା।

୩. ଗୋଷ୍ଠୀ ବିକାଶ: ଏହି ପ୍ରକଳ୍ପ ତଲଗୁଡାରେ ମିଳିତ ଭାବନା ଜାଗ୍ରତ କରିଥିଲା ଏବଂ ଆଖପାଖ ଗ୍ରାମଗୁଡ଼ିକୁ ସମାନ ପଦକ୍ଷେପ ଗ୍ରହଣ କରିବାକୁ ପ୍ରେରଣା ଦେଇଥିଲା ।

୪. ପ୍ରଭାବ: ତଲଗୁଡାର ସ୍ୱୟଂ ସହାୟକ ଗୋଷ୍ଠୀର ସଫଳତା ଅନ୍ୟମାନଙ୍କୁ ନିରନ୍ତର ଚାଷ ବିକଳ୍ପ ବାଛିବାକୁ ଉତ୍ସାହିତ କରି ଗ୍ରାମୀଣ ବିକାଶ ପାଇଁ ଏକ ଆଦର୍ଶ ନମୁନା ସୃଷ୍ଟି କରିଛି।

ନିରନ୍ତର ପ୍ରୟାସ ଓ ସଂକଳ୍ପ ବଳରେ ତଲଗୁଡାର ମହିଳାମାନେ ନିଜ ଜୀବନରେ ପରିବର୍ତ୍ତନ ଆଣିପାରିଛନ୍ତି। ଆମ ଜଙ୍ଗଲ ଯୋଜନା ପ୍ରକଳ୍ପ ଦଳର ସମର୍ଥନରେ ସେମାନେ ସଫଳ ଭାବରେ ଏହି ଆହ୍ୱାନର ସମ୍ମୁଖୀନ ହୋଇ ଦର୍ଶାଇଛନ୍ତି ଯେ ସ୍ଥାୟୀ ଚାଷ ଉଭୟ ଅର୍ଥନୈତିକ ଏବଂ ପରିବେଶ ଦୃଷ୍ଟିରୁ ଲାଭଦାୟକ ହୋଇପାରିବ। ତଲଗୁଡା ଗ୍ରାମବାସୀଙ୍କ ଏହି ଯାତ୍ରା ଏକ ସଫଳ ଗୋଷ୍ଠୀ ଭିତ୍ତିକ ପଦକ୍ଷେପର ପ୍ରମାଣ, ଯେଉଁଠାରେ ସଶକ୍ତୀକରଣ ଏବଂ ସଂରକ୍ଷଣ, ଉଭୟ ମିଳିତ ହେଇଛନ୍ତି। ଏହି କାହାଣୀ ଅନ୍ୟ ଗୋଷ୍ଠୀ ସଦସ୍ୟଙ୍କ ମନରେ ଆଶା ଜାଗ୍ରତ କରେ ଏବଂ ନିରନ୍ତର ବିକାଶ ପାଇଁ ପ୍ରୟାସ କରୁଥିବା ଅନ୍ୟ ଜଙ୍ଗଲ-ଉପକଣ୍ଠ ସମ୍ପ୍ରଦାୟମାନଙ୍କ ପାଇଁ ଉଦ୍ୟୋଗବିକାଶର ଏକ ସଫଳ ଉପାୟ ଭାବରେ କାର୍ଯ୍ୟ କରେ।

"ହଳଦୀ ଚାଷ ଯେ କେବଳ ଆମ ପରିବାରପାଇଁ ରୋଜଗାର ଆଣିନଥିଲା, ବରଂ ଆମକୁ କିଛି ବଡ ଏବଂ ଭଲ କାମ କରିବାପାଇଁ ଆତ୍ମବିଶ୍ୱାସ ମଧ୍ୟ ଦେଇଥିଲା । ଆମେ ସମସ୍ତେ ମିଶି ଦେଖାଇ ଦେଇଛୁ ଯେ, କଠିନ ପରିଶ୍ରମ ଦ୍ୱାରା ଆମଭଳି ଏକ ଛୋଟ ଗାଁ ମଧ୍ୟ ବଡ଼ ପ୍ରଭାବ ପକାଇପାରେ" – ତଲଗୁଡା ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟାମାନଙ୍କ ପରିଭାଷା ଏହିପରି ଥିଲା।

କାହାଣୀ-୪

## ବାୟୋଫ୍ଲକ୍ ମତ୍ସ୍ୟଚାଷ ମାଧ୍ୟମରେ ଜୀବିକା ସଶକ୍ତୀକରଣ; ଜୟପୁର ବନଖଣ୍ଡ ଅଧୀନ ଲାଲମୁଣ୍ଡା ବନ ସୁରକ୍ଷା ସମିତିର ଏକ ସଫଳ କାହାଣୀ।

ବାୟୋଫ୍ଲକ୍ ମତ୍ସ୍ୟଚାଷ ହେଉଛି ଏକ ଅତ୍ୟାଧୁନିକ ମାଛଚାଷ ପ୍ରଣାଳୀ ଯାହା, ସଘନ ମାଛ ଚାଷ ପାଇଁ ଉଦ୍ଦିଷ୍ଟ। ରୋଜଗାରର ଉତ୍ସରେ ବିବିଧତା ଆଣିବା ଏବଂ ଆଧୁନିକ, ପରିବେଶ ଅନୁକୂଳ ଜୀବିକାକୁ ପ୍ରୋତ୍ସାହିତ କରିବାକୁ ଚାହୁଁଥିବା ଅନ୍ୟ ଗ୍ରାମୀଣ ସମୁଦାୟମାନଙ୍କ ପାଇଁ ଏହା ଏକ ଆଦର୍ଶ ନମୁନା ଭାବରେ କାମ ଦେବ।

ଆଧୁନିକ ଜ୍ଞାନକୌଶଳ ଏବଂ ସୁ-ସ୍ଥାୟୀ ବ୍ୟବହାରର ମିଶ୍ରଣରେ ବାୟୋଫ୍ଲକ୍ ମତ୍ସ୍ୟ ଚାଷ ଅଧୁନା ଗ୍ରାମାଞ୍ଚଳରେ ଏକ ପରିବର୍ତ୍ତନଶୀଳ ଜୀବିକା ବିକଳ୍ପ ଭାବରେ ଉଭା ହୋଇଛି। ଜୟପୁର ବନଖଣ୍ଡ ଅଧୀନସ୍ଥ ୭୫ଟି ପରିବାର ଓ






୩୭୪ ଜନସଂଖ୍ୟା ବିଶିଷ୍ଟ ଲାଲମୁଣ୍ଡା ବନ ସୁରକ୍ଷା ସମିତିରେ ଏହି ଅଭିନବ ମତ୍ସ୍ୟଚାଷ ପଦ୍ଧତି ଗୋଷ୍ଠୀ ସଦସ୍ୟଙ୍କ ଆୟର ଉତ୍ସରେ ବିବିଧତା ଆଣିବା ପାଇଁ ଅବଲମ୍ବନ କରାଯାଇଥିଲା। ଏହି ପଦକ୍ଷେପ ଓଡ଼ିଶା ଜୀବିକା ମିଶନ ଓ

ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା (ଆଇଟିଡିଏ)ର ମିଳିତ ସହଯୋଗରେ ଏବଂ ଆମ ଜଙ୍ଗଲ ଯୋଜନା ଦଳର ପ୍ରଚେଷ୍ଟା ଦ୍ୱାରା ଉନ୍ନତ ପ୍ରଣାଳୀ ମତ୍ସ୍ୟଚାଷ କିପରି ଗ୍ରାମୀଣ ଜୀବିକା ଏବଂ ସାମୂହିକ ସ୍ଥିରତାକୁ ପ୍ରୋତ୍ସାହିତ କରିପାରିବ ତାହା ପ୍ରଦର୍ଶିତ ହୋଇଛି।

ଲାଲମୁଣ୍ଡା ବନ ସୁରକ୍ଷା ସମିତି ସଦସ୍ୟମାନେ ଜୀବିକା ନିର୍ବାହ ପାଇଁ ମୁଖ୍ୟତଃ କୃଷି ଓ ଜଙ୍ଗଲ ଜାତ ଦ୍ରବ୍ୟ ଉପରେ ନିର୍ଭର କରନ୍ତି। ତେବେ ଋତୁକାଳୀନ ଆୟରେ ଅସ୍ଥିରତା ଓ ସୀମିତ ସୁଯୋଗ ଯୋଗୁଁ ସେମାନେ ବିକଳ୍ପ ଜୀବିକା ସନ୍ଧାନରେ ଥିଲେ। ଏହି ଆବଶ୍ୟକତାକୁ ଉପଲବ୍ଧି କରି ଆମ ଜଙ୍ଗଲ ଯୋଜନା ଦଳ ଏବଂ ସହଭାଗୀ ଏନଜିଓ କର୍ମଚାରୀମାନେ ବନ ସୁରକ୍ଷା ସମିତି ସଦସ୍ୟଙ୍କ ସହ ଆଲୋଚନା ଆରମ୍ଭ କରିଥିଲେ ଏବଂ ବାୟୋଫ୍ଲକ୍ ମତ୍ସ୍ୟଚାଷକୁ ଏକ ସମର୍ଥ ଏବଂ ସୁ-ସ୍ଥାୟୀ ଆୟ ଉପାର୍ଜନକାରୀ ବୃତ୍ତି ଭାବରେ ଚିହ୍ନଟ କରିଥିଲେ।

ଏହି କାର୍ଯ୍ୟକ୍ରମ କାର୍ଯ୍ୟକାରୀ ହେବା ପୂର୍ବରୁ ଯୋଜନା କରାଯାଇଥିବା ବାୟୋଫ୍ଲକ୍ ମତ୍ସ୍ୟଚାଷ ୟୁନିଟ୍‌ର କାର୍ଯ୍ୟକାରିତାରେ ପ୍ରଥମରୁ ହିଁ ଏକ ଶୃଙ୍ଖଳିତ ଆଭିମୁଖ୍ୟ ଅନୁସରଣ କରାଯାଇଥିଲା। ଯଥା-

**୧. ଦକ୍ଷତା ବିକାଶ ଏବଂ ପ୍ରେରଣା :**

- ଆମ ଜଙ୍ଗଲ ଯୋଜନା ଦଳ ଏବଂ ସହଭାଗୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ କର୍ମଚାରୀଙ୍କ ଦ୍ୱାରା ସଚେତନତା ବୈଠକ ଆୟୋଜନ କରାଯାଇଥିଲା।
- ସଦସ୍ୟମାନଙ୍କୁ ବାୟୋଫ୍ଲକ୍ ଟେକ୍ନୋଲୋଜି, ଏହାର ଲାଭ ଏବଂ ଆବଶ୍ୟକ ସଂରଚନା ବିଷୟରେ ପ୍ରଶିକ୍ଷିତ କରାଯାଇଥିଲା।

**୨. ହିତାଧିକାରୀ ଚୟନ:**

- ଲାଲମୁଣ୍ଡା ବନ ସୁରକ୍ଷା ସମିତିର ୬ ଜଣ ହିତାଧିକାରୀଙ୍କୁ ସେମାନଙ୍କ ଉତ୍ସାହ, ଆଗ୍ରହ ଏବଂ ଜମିର ଉପଲବ୍ଧତା ଆଧାରରେ ଚିହ୍ନଟ କରାଯାଇଥିଲା।
- ଜିଲ୍ଲା ମତ୍ସ୍ୟ କାର୍ଯ୍ୟାଳୟରେ ଦାଖଲ କରିବା ପାଇଁ ଜମି ଦସ୍ତାବିଜ ଏବଂ ଅନ୍ୟାନ୍ୟ ଆବଶ୍ୟକ ନଥି ପ୍ରସ୍ତୁତ କରାଯାଇଥିଲା।

**୩. ବୈଷୟିକ ସାଧନ ଯୋଗାଣ ଏବଂ ସମନ୍ୱୟ:**

- ହିତାଧିକାରୀମାନେ ଏକାଧିକ ଅଂଶୀଦାରଙ୍କୁ ସାମିଲ କରି ସମନ୍ୱୟ ପଦକ୍ଷେପ ମାଧ୍ୟମରେ ବାୟୋଫ୍ଲକ୍ ଟାଙ୍କି ସ୍ଥାପନ କରିଥିଲେ।
- ବର୍ଜ୍ୟବସ୍ତୁ ପରିଚାଳନା ପାଇଁ ବାୟୋଫ୍ଲକ୍ ୟୁନିଟ୍ ର ପରିଚାଳନା, ଖାଦ୍ୟ ଏବଂ ବ୍ୟାକ୍ଟେରିଆ ଇକୋସିଷ୍ଟମର ରକ୍ଷଣାବେକ୍ଷଣ ଉପରେ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା ।

**୪. ଆର୍ଥିକ ଏବଂ ବୈଷୟିକ ସହାୟତା:**

- ବୈଷୟିକ ମାର୍ଗଦର୍ଶନ ଏବଂ ପ୍ରକଳ୍ପ ତଦାରଖ ପାଇଁ ଜିଲ୍ଲା ମତ୍ସ୍ୟ କାର୍ଯ୍ୟାଳୟ ସହଯୋଗ ପ୍ରଦାନ କରିଥିଲେ।
- ଓଡିଶା ଜୀବିକା ମିସନ ସହିତ ସମନ୍ୱୟ ମାଧ୍ୟମରେ ଆର୍ଥିକ ସହାୟତା ପ୍ରାପ୍ତି ଯୋଗୁ ପ୍ରକଳ୍ପର କାର୍ଯ୍ୟକାରିତାକୁ ସୁନିଶ୍ଚିତ କରିଥିଲା ।

ବାୟୋଫ୍ଲକ୍ ମତ୍ସ୍ୟଚାଷର ଫଳାଫଳ ଅତ୍ୟନ୍ତ ଉତ୍ସାହଜନକ ଥିଲା। ଏହି ପ୍ରକଳ୍ପ ଦ୍ୱାରା ହିତାଧିକାରୀମାନେ ସୀମିତ ଜାଗାରେ ମାଛ ଚାଷ କରି ଉଲ୍ଲେଖନୀୟ ରୋଜଗାର କରିବାରେ ସକ୍ଷମ ହୋଇଥିଲେ। ପ୍ରଥମ ଅମଳରେ ସେମାନେ ୮୦,୦୦୦/- ଟଙ୍କାର ଲାଭ ପାଇବାରେ ସକ୍ଷମ ହୋଇଥିଲେ। ହିତାଧିକାରୀମାନେ ଜଳଜ ଚାଷ ଉପରେ ବୈଜ୍ଞାନିକ ଏବଂ ବୈଷୟିକ ଜ୍ଞାନ ହାସଲ କରିଥିଲେ, ଯାହାଦ୍ୱାରା ସେମାନଙ୍କର ଦୀର୍ଘକାଳୀନ ନିଯୁକ୍ତି ଉପଯୋଗୀ ଯୋଗ୍ୟତା ଏବଂ ଉଦ୍ୟୋଗୀ ଦକ୍ଷତା ବୃଦ୍ଧି ହୋଇ ପାରିଥିଲା। ଏହାବ୍ୟତୀତ ବାୟୋଫ୍ଲକ୍ ୟୁନିଟ୍ ମଧ୍ୟ ସମ୍ବଳର ସଠିକ ଉପଯୋଗ କରି ଏବଂ ପରିବେଶ ଉପରେ କୁ-ପ୍ରଭାବକୁ ହ୍ରାସ କରି ସୁ-ସ୍ଥାୟୀ ଜୀବିକା ସୁନିଶ୍ଚିତ କରିପାରିଛି।

ଲାଲମୁଣ୍ଡା ବନ ସୁରକ୍ଷା ସମିତିରେ ବାୟୋଫ୍ଲକ୍ ମତ୍ସ୍ୟଚାଷର ସଫଳ ରୂପାୟନ ସୂଚାଇ ଦିଏ ଯେ ବୈଷୟିକ ଜ୍ଞାନ କୌଶଳ ଦ୍ୱାରା ପରିଚାଳିତ ପଦକ୍ଷେପ କିପରି ଗ୍ରାମୀଣ ଜୀବିକାର ଦୃଶ୍ୟପଟ୍ଟରେ ପରିବର୍ତ୍ତନ ଆଣିପାରିବ। ଓଡ଼ିଶା ଜୀବିକା ମିଶନ, ମତ୍ସ୍ୟ ଓ ପଶୁ ପାଳନ ବିଭାଗ ଏବଂ ଆମ ଜଙ୍ଗଲ ଯୋଜନା ମଧ୍ୟରେ ସଫଳ ସହଯୋଗର ଏକ ଉଦାହରଣ ହେଉଛି ଏହି ପଦକ୍ଷେପର ମୁଖ୍ୟ ସଫଳତା ଯାହା ସମ୍ପ୍ରଦାୟର ଦୀର୍ଘମିଆଦୀ ଆବଶ୍ୟକତା ସହିତ ମିଳିତ ଭାବେ ଗୋଷ୍ଠୀ ଅଂଶଗ୍ରହଣ ଏବଂ ପରିବେଶ ଅନୁକୂଳ ଜ୍ଞାନକୌଶଳ ଗ୍ରହଣକୁ ସୁନିଶ୍ଚିତ କରିଛି।

**ସଂକ୍ଷିପ୍ତ ଖବର**

## ବନ ମହୋତ୍ସବ ସପ୍ତାହ (୨୦୨୪) ପାଳନ

୨୦୨୪ ଜୁଲାଇ ମାସରେ ଆମ ଜଙ୍ଗଲ ଯୋଜନା ଅନ୍ତର୍ଗତ ବନଖଣ୍ଡମାନଙ୍କରେ ୭୫ତମ ବନ ମହୋତ୍ସବ ସପ୍ତାହ ପାଳିତ ହୋଇଥିଲା, ଯେଉଁଥିରେ ସଚେତନତା ଅଭିଯାନ, ରାସ୍ତାକଡ ଜନ ଅଭିଯାନ (ରାଲି), ସଭା, ବିଭିନ୍ନ ଅଂଶୀଦାରଙ୍କୁ ସେମାନଙ୍କ ଅସାଧାରଣ ପ୍ରୟାସ ପାଇଁ ପୁରସ୍କାର ପ୍ରଦାନ ସହିତ ବ୍ୟାପକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା।




ପାଟଣାଗଡ଼ ରେଞ୍ଜରେ ମାନ୍ୟବର ଉପ ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ କନକ ବର୍ଦ୍ଧନ ସିଂହଦେଓଙ୍କ ଉପସ୍ଥିତିରେ ବନମହୋତ୍ସବ ପାଳନ




ବଲାଙ୍ଗୀର ଡିଭିଜନର ଲୋଇସିଂହା ରେଞ୍ଜରେ ଓଡ଼ିଶାର ମାନ୍ୟବର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗଙ୍କ ଉପସ୍ଥିତିରେ ବନମହୋତ୍ସବ ପାଳନ




ବନ ମଣ୍ଡଳ ଅଧିକାରୀ, ଭବାନୀପାଟଣା, ବନଖଣ୍ଡ ଅଧିକାରୀ, ବଲାଙ୍ଗୀର ଏବଂ ପ୍ରକଳ୍ପ କର୍ମୀଙ୍କ ଉପସ୍ଥିତିରେ ଦେଓଗାଁ ରେଞ୍ଜରେ ବନମହୋତ୍ସବ ପାଳନ



ଭାରତର ମାନ୍ୟବର ଆଦିବାସୀ କଲ୍ୟାଣ ମନ୍ତ୍ରୀ ଶ୍ରୀଯୁକ୍ତ ଜୁଏଲ ଓରାମଙ୍କ ଉପସ୍ଥିତିରେ ରାଉରକେଲା ବନଖଣ୍ଡର ମୁଣ୍ଡାତୋଳା ବନ ସୁରକ୍ଷା ସମିତିରେ ବନମହୋତ୍ସବ ପାଳନ




ନବରଙ୍ଗପୁର ବନଖଣ୍ଡ ଅନ୍ତର୍ଗତ ବେହେଡା ଉନ୍ନୀତ ସରକାରୀ ଉଚ୍ଚ ବିଦ୍ୟାଳୟରେ ବନମହୋତ୍ସବ ପାଳନ



କେନ୍ଦୁଝରର ବନ୍ୟପ୍ରାଣୀ ବନଖଣ୍ଡ ଅନ୍ତର୍ଗତ ତଭାକୁଦ ବନ ସୁରକ୍ଷା ସମିତିରେ ବନମହୋତ୍ସବ ପାଳନ




ନବରଙ୍ଗପୁର ବନଖଣ୍ଡ ଅନ୍ତର୍ଗତ ଧୋଦ୍ରା ସେକ୍ସନରେ ୭୫ତମ ବନମହୋତ୍ସବ ପାଳନ



କଳାହାଣ୍ଡି ଦକ୍ଷିଣ ବନଖଣ୍ଡ ଅନ୍ତର୍ଗତ ଧରମଗଡ ରେଞ୍ଜରେ ୭୫ତମ ବନମହୋତ୍ସବ ପାଳନ

## ଆମ ଜଙ୍ଗଲ ଯୋଜନା ପ୍ରକଳ୍ପ ଅଞ୍ଚଳକୁ ବିଶିଷ୍ଟ ବ୍ୟକ୍ତିଙ୍କ ପରିଦର୍ଶନ:



ମାନ୍ୟବର ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ଏବଂ ଶ୍ରମ, କର୍ମଚାରୀ ରାଜ୍ୟ ବୀମା ମନ୍ତ୍ରୀ ଶ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆଙ୍କ କେନ୍ଦୁଝର ବନଖଣ୍ଡ ଅଧୀନ ବାଘିଆନସା ବନ ସୁରକ୍ଷା ସମିତି ପରିଦର୍ଶନ



ରାଉରକେଲା ବନଖଣ୍ଡର ମୁଣ୍ଡାଟୋଲା ବନ ସୁରକ୍ଷା ସମିତିକୁ ଜଙ୍ଗଲ ସୁରକ୍ଷା ପାଇଁ ବିଜୁ ପଟ୍ଟନାୟକ ପୁରସ୍କାର ପ୍ରଦାନ କରୁଛନ୍ତି ମାନ୍ୟବର କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ




ଓଡ଼ିଶାର ମାନ୍ୟବର ଉପ-ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ କନକ ବର୍ଦ୍ଧନ ସିଂହଦେଓ, ୦୯.୦୭.୨୦୨୪ ତାରିଖରେ ବଲାଙ୍ଗୀର ବନଖଣ୍ଡ ଅନ୍ତର୍ଗତ ପାଟଣାଗଡ଼ ରେଞ୍ଜ ପରିଦର୍ଶନ କରିଛନ୍ତି




୭୫ତମ ବନମହୋତ୍ସବ ଅବସରରେ ବଲାଙ୍ଗୀର ବନଖଣ୍ଡ ଅନ୍ତର୍ଗତ ହରେକୃଷ୍ଣ ମହତାବ ହାଇସ୍କୁଲ ପରିଦର୍ଶନ କରିଛନ୍ତି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ, ଓଡିଶା ଡ. ମୁକେଶ ମହାଲିଙ୍ଗ

**ସମ୍ପାଦନା ମଣ୍ଡଳୀ**

ମୁଖ୍ୟ ସମ୍ପାଦିକା: ଡ଼ଃ ମୀତା ବିଶ୍ୱାଳ, ଭାରତୀୟ ବନ ସେବା
ପ୍ରଧାନ ମୁଖ୍ୟ ବନ ସଂରକ୍ଷକ (ପ୍ରକଳ୍ପ) ଓ ପ୍ରକଳ୍ପ ନିର୍ଦ୍ଦେଶିକା
ଓଡ଼ିଶା ବନାଞ୍ଚଳ ଉନ୍ନୟନ ସମିତି, ଭୁବନେଶ୍ୱର

ସମ୍ପାଦକ: ଶ୍ରୀ ବିଜୟ ରାମ ସେନାପତି
ବିଷୟବସ୍ତୁ ବିଶେଷଜ୍ଞ (ତାଲିମ ଓ ପ୍ରସାର), ଆମ ଜଙ୍ଗଲ ଯୋଜନା

ଯୋଗାଯୋଗ: **ଆମ ଜଙ୍ଗଲ ଯୋଜନା**
ଓଡ଼ିଶା ବନାଞ୍ଚଳ ଉନ୍ନୟନ ସମିତି
SFTRI ପରିସର, ଘାଟିକିଆ, ଭୁବନେଶ୍ୱର
ଦୂରଭାଷ: ୦୬୭୪-୨୩୮୬୦୮୪, ୨୩୮୬୦୧୬
ଇ-ମେଲ୍: webmail@ofsdp.org

*design and print: thirdeyecoindia@gmail.com*